# Akashvani, Sambalpur

## SAMBALPURI NEWS EVENING BULLETIN

## 21 January 2025- 7.02 pm- 7.12 pm.

*************************************************

୧- ନୂଆଁ ଶିକ୍ଷାନୀତି ଦେଶର୍ ଛାତ୍ରଛାତ୍ରୀମାନ୍‌କର୍ ସାମଗ୍ରୀକ୍ ବିକାଶ୍‌କେ ସୁନିଶ୍ଚିତ୍ କର୍‌ବା- କହେଲେ ମୁଖ୍ୟମନ୍ତ୍ରୀ ।

- ଜାତୀୟ ଶିକ୍ଷାନୀତି-୨୦୨୦ କର୍ମଶାଳାକେ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୨- ନୂଆପଡ଼ା- ଛତିଶ୍‌ଗଡ଼୍ ସୀମ୍‌ନା ନ ମାଓ ବିରୋଧୀ ଅଭିଯାନ୍‌ଥି ୧୪ ଝନ୍ ମାଓବାଦୀଙ୍କର୍ ଗଲା ଜୀବନ୍ ।

୩- ରାଜ୍ୟ ବାହାରେ ଥିବା ମହିଳା ହିତାଧିକାରୀମାନେ ଭିଲ୍ ପାଇପାର୍‌ବେ ସୁଭଦ୍ରା ସାହାଜ୍ ଟଙ୍କା- କହେଲେ ଉପମୁଖ୍ୟମନ୍ତ୍ରୀ ।

ଆଉର୍

୪- ପଶ୍ଚିମଝଡ଼୍ ପ୍ରଭାବ୍‌ଥି ରାଏଜେ କମ୍‌ଲା ଶୀତ୍ ।

ଜାତୀୟ ଶିକ୍ଷାନୀତି କର୍ମଶାଳା        ଏକ୍ସ/ ପି.ଆଇ.ବି.

ଦେଶର୍ ନୀତି, ପରମ୍ପରା ଆର୍ ମୂଲ୍ୟବୋଧକେ ନେଇକରି ତିଆର୍ ନୂଆଁ ଜାତୀୟ ଶିକ୍ଷାନୀତି ରାଷ୍ଟ୍ରୀୟ ବିଚାର୍ଧାରାକେ ମନ୍ତ୍ର କରିକରି ସୃଜନ୍‌ର ବିକାଶ୍ଥି ସହାୟକ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ମୁଲ୍ ହେଇଥିବା ୩ ଦିନିଆ ଜାତୀୟ ଶିକ୍ଷାନୀତି ୨୦୨୦ ବାବଦ୍ ରାଷ୍ଟ୍ରୀୟ କର୍ମଶାଳାକେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ନୂଆଁ ଶିକ୍ଷାନୀତି ଦେଶର୍ ଛାତ୍ରଛାତ୍ରୀଙ୍କର୍ ସାମଗ୍ରିକ୍ ବିକାଶ୍‌କେ ସୁନିଶ୍ଚିତ୍ କର୍‌ବା । ଦେଶର୍ ଦୃତ ବିକାଶ୍‌ର ଆବଶ୍ୟକତା ପୂରଣ୍ କର୍‌ବାର୍ ସହେତେ ଭବିଷ୍ୟତ୍ ଆଧାରିତ୍ ଶିକ୍ଷାକେ ପ୍ରୋତ୍ସାହିତ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଜାତୀୟ ଶିବିରକେ ମିଲିତ୍ ଭାବେ ଉଦ୍‌ଘାଟନ୍ କରିଛନ୍ । ଓଡ଼ିଶା ନ ଜାତୀୟ ଶିକ୍ଷାନୀତିର୍ କାର୍ଯ୍ୟକାରୀ କର୍‌ବାର୍‌କେ ପ୍ରାଥମିକତା ଦଉଥିବାର୍ ଲାଗି ଶ୍ରୀ ପ୍ରଧାନ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଓଡ଼ିଶାର୍ ସଭ୍ୟତା ଆର୍ ସାାସ୍କୃତିକ୍ ମୂଲ୍ୟବୋଧ, ଇତିହାସ୍, ଐତିହ୍ୟ, ଜ୍ଞାନ ଆର୍

ପରମ୍ପରାକେ ପାଠ୍ୟକ୍ରମ୍‌ଥି ସାମିଲ୍ କର୍‌ବାର୍‌କେ ପ୍ରସ୍ତାବ୍ ଦେଇଛନ୍ । ସେ କହିଛନ୍, ବକ୍ସି ଜଗବନ୍ଧୁ, ବୀରସୁରେନ୍ଦ୍ର ସାଏଙ୍କର୍ ବୀରତ୍ୱ କାହାଣୀ, ପଠାଣୀ ସାମନ୍ତ, ଓଡ଼ିଆ ଜାତିର୍ ସମୃଦ୍ଧି ନୌବାଣିଜ୍ୟ ପରମ୍ପରା ବାଗିର୍ ବିଷୟବସ୍ତୁ ପାଠ୍ୟକ୍ରମ୍‌ଥି ସାମିଲ୍ କରାଯାଉ । ଇଥିର୍‌ଲାଗି ରାଜ୍ୟ ଆର୍ ରାଜ୍ୟ ବାହାରେ ଥିବା ଓଡ଼ିଆମାନେ ପରାମର୍ଶ ଦଉନ୍ ବଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ମାଓବାଦୀ ନିହତ୍ ନୂଆପଡ଼ା ସମ୍ବାଦଦାତା/ପି.ଆଇ.ବି.

ଓଡ଼ିଶା - ଛତିଶ୍‌ଗଡ୍ ସୀମ୍‌ନା ଇଲାକାର୍ ନୂଆପଡ଼ା ନୁ ୫ କିଲୋମିଟର୍ ଦୂରିଆ କୁଲାହରିଘାଟ ଭାଲୁଦିଗି ଜଙ୍ଗଲ୍‌ନୁ ଏସ୍‌ଓଜି, ସିଆର୍‌ପିଏଫ୍ ଆର୍ ଡିଆର୍‌ଜି ଯବାନ୍ ଆଉ ମାଓବାଦୀମାନ୍‌କର୍ ଭିତ୍‌ରେ ଗୁଲି ମରାମରି ସମିଆଥି ୧୪ ଝନ୍ ମାଓବାଦୀଙ୍କର୍ ଜୀବନ୍ ଯାଇଛେ । କେନ୍ଦ୍ରୀୟ କମିଟିର୍ ଓଡ଼ିଶା କେଡ଼ର୍ ମାଓନେତା ଜୟୀରାମ୍ ଓରଫ୍ ଚଲପତି ଅପରେସନ୍‌ଥି ନିହତ୍ ହେଇଥିବା ଜନାପଡ଼ିଛେ । ଜୟୀରାମ୍ ବାଗିର୍ ଝନେ ବଡ଼ କେଡ଼ର୍ ମାଓନେତାର୍ ମୃତ୍ୟୁ ସୁରକ୍ଷାବାହିନୀର୍ ମାଓ ବିରୋଧୀ ଅଭିଯାନ୍‌ଥି ଗୁଟେ ବଡ଼ ସଫଲତା ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ମାଓ ବିରୋଧୀ ଅପ୍‌ରେସନ୍‌ଥି ୫ନେ ଏସ୍‌ଓଜି ଯବାନ୍ ଆର୍ ଛତିଶ୍‌ଗଡ୍ ଡିଆର୍‌ଜିର ୫ନେ ଯବାନ୍ ଜଖମ୍ ହେଇଛନ୍ । ଜଖ୍‌ମୀ ଯବାନ୍‌ମାନ୍‌କୁ ରାୟପୁର୍ ଆର୍ ବିଶାଖାପାଟ୍‌ନମ୍‌କେ ଚିକିତ୍ସା ଲାଗି ପଠାଯାଇଛେ । ଗଲାକାଏଲ୍‌ନୁ ମାଓବାଦୀ ଆର୍ ଯବାନ୍‌ମାନ୍‌କର୍ ଭିତ୍‌ରେ ଗୁଲିମରାମରି ହେଇଥିଲା । ଘଟ୍‌ନାଥି ୧୨ ଝନ୍ ପୁରୁଷ ମାଓବାଦୀ ଆର୍ ୨ ଝନ୍ ମହିଲାମାଓବାଦୀଙ୍କର୍ ଜୀବନ୍ ଯାଇଛେ ବଲି ନୂଆପଡ଼ା ଏସ୍.ପି. ରାଘବେନ୍ଦ୍ର ଗୁଣ୍ଡଲା ରେଡ୍ଡୀ ସୂଚ୍‌ନା ଦେଇଛନ୍ ।

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ବାହାରେ ଥିବା ଯୋଗ୍ୟ ମହିଲା ହିତାଧିକାରୀମାନେ ଭିଲ୍ ସୁଭଦ୍ରା ଯୋଜ୍‌ନାର୍ ସହାୟତା ପାଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସୁଭଦ୍ରା ଯୋଜ୍‌ନାର୍ ଜିଲ୍ଲା ୱାରି ସମୀକ୍ଷା କରିକରି ଶ୍ରୀମତୀ ପରିଡ଼ା ଯେନ୍‌ମାନେ ସୁଭଦ୍ରା ଯୋଜ୍‌ନାର୍ ଲାଗି ଆବେଦନ୍ ନାଇଁ କରି ସେମାନ୍‌କୁ ଜଲ୍‌ଦି ଆବେଦନ୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ସୁଭଦ୍ରା ଯୋଜ୍‌ନାର୍ ୪ ନମ୍ବର୍ ଖେପେ ୨୦ ଲାଖ୍‌ନୁ ଅଏତ୍‌କା ହିତାଧିକାରୀଙ୍କୁ ସାହାଜ୍ ଟଙ୍କା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ବେଟି ବଚାଓ ବେଟି ପଢ଼ାଓ ଯୋଜ୍ନା ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଲୟ ତର୍ଫୁ ବେଟି ବଚାଓ ବେଟି ପଢ଼ାଓ ଯୋଜ୍ନାର୍ ୧୦ ବଛର୍ ପୂର୍ତି ଅବ୍ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା । ଇ ଉଧେ ରାଜ୍ୟ ଆଉ ଜିଲ୍ଲାସ୍ତର୍ମାନ୍କୁ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ହେବା । କାର୍ଯ୍ୟକ୍ରମ୍ ଆଏବା କାଏଲ୍ଠାନୁ ମୁଲ୍ ହେଇକରି ମାର୍ଚ୍ଚ ୮ ତାରିକ୍ ଅନ୍ତର୍ଜାତୀୟ ମହିଳା ଦିବସ୍ତକ୍ ଚାଲ୍ବା ବଲି ମନ୍ତ୍ରଣାଲୟ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଧାନ୍ଘିନା-ଚାଷୀ ପଞ୍ଜିକରଣ୍ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ ଇହାଦେତକ୍ ୩୪ ଲାଖ୍ ୨୯ ହଜାର୍ ମେଟ୍ରିକ୍ ଟନ୍ ଧାନ୍ ଘିନିସାର୍ଲେନ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ କହିଛନ୍ ଯେ, ଇହାଦେ ରାଏଜେ ଧାନ୍ ଘିନା ଠିକ୍ ଭାବେ ଚାଲିଛେ ଆର୍ କେହେନି ଜାଗା ନ କଟ୍ନିଛଟ୍ନୀ ଭିଲ୍ ନାଇଁ ହେବାର । କାଁ ଭାଁ କେନ୍ସି ଜାଗା ନ ସମସ୍ୟା ଦେଖାଦେଲେ ତାର୍ ତୁର୍ତି ସମାଧାନ୍ କରାଯାଉଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ଚାଷୀମାନ୍କୁ ଖରାପ୍ ଧାନ୍ ମଣ୍ଡିକେ ନାଇଁ ଆନ୍ବାର୍ ଲାଗି ଭିଲ୍ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ସେନ୍ତା ରାଏଜେ ଧାନ୍ ବିକ୍‌ବାର୍ ଲାଗି ଏବ୍‌ତକ୍ ୧୭ ଲାଖ୍ ୪୯ ହଜାର୍ ୯ ଶହ ୮୭ ଝନ୍ ଚାଷୀ ପଞ୍ଜିକୃତ ହେଇଛନ୍ । ଆଉ ବର୍‌ଗଡ଼୍ ଜିଲ୍ଲା ନୁ ସବୁନୁ ଅଏତ୍‌କା ୧ ଲାଖ୍ ୫୫ ହଜାର୍ ୬ ଶହ ୧୭ ଝନ୍ ଚାଷୀ ପଞ୍ଜିକରଣ୍ କରିଛନ୍ ବଲି ବିଭାଗ୍ ତର୍‌ଫୁ ଗୁଟେ ପ୍ରେସ୍ ବିଜ୍ଞପ୍ତିଥି କୁହାଯାଇଛେ ।

ଅମୃତ୍ ଉଦ୍ୟାନ ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଭବନ୍‌ର ଅମୃତ୍ ଉଦ୍ୟାନ୍ ଆଏବା ମାସ ୨ ତାରିଖ୍‌ନୁ ମାର୍ଚ୍ଚ ୩୦ ତାରିଖ୍‌ତକ୍ ସାଧାରଣ୍ ଲୁକ୍‌କର୍ ଲାଗି ଖୁଲା ରହେବା । ଲୁକେ ସୋମ୍‌ବାର୍ ଛଡ଼ା ହପ୍ତାର୍ ବାକି ଦିନ୍ ମାନ୍‌କେ ସଖାଲର୍ ୧୦ ବଜେନୁ ବେଲ୍‌ବୁଡ଼ାର୍ ୬ ବଜେତକ୍ ଉଦ୍ୟାନ୍ ବୁଲିପାର୍‌ବେ । ରାଷ୍ଟ୍ରପତି ଭବନ୍ ଓ୍ୱେବ୍‌ସାଇଟ୍‌ନୁ ଇନ୍‌କେ ଯିବାର୍ ଲାଗି ବୁକିଂ କରାଯାଇପାର୍‌ବା ଆର୍ ଇଟା ପୁରାପୁରି ମାହାଲିଆ ଆଏ । ଇ ସମିଆ ଭିତ୍‌ରେ ଅମୃତ୍ ଉଦ୍ୟାନ୍ ପରିସର୍‌ଥି ୪ ଦିନିଆ 'ବିବିଧତାକା ଅମୃତ୍ ମହୋତ୍ସବ୍' ଭିଲ୍ ଆଏବା ୬ ତାରିଖ୍‌ନୁ ମୁଲ୍ ହେବା ।

ପ୍ଲାନେଟୋରିୟମ୍ -ବିରଳ ମହାଜାଗତିକ ଦୃଶ୍ୟ ଭୁବ୍‌ନେଶ୍ୱର୍

ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ୟୁରେନସ୍ ଆର୍ ନେପ୍‌ଚୁନ୍ ବାଗିର୍ ୬ ଟା ଗ୍ରହ ଆଏଜ୍‌ଠାନୁ ଜାନୁଆରୀ ୩୧ ତାରିଖ୍‌ତକ୍ ଗୁଟେ ସରଳରେଖାଥି ରହେବେ । ଇ ବିରଳ ମହାଜାଗତିକ ଦୃଶ୍ୟକେ ଦେଖ୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ ଠାନେ ଖାସ୍ ବ୍ୟବସ୍ଥା କରାଯାଇଛେ । ସାଧାରଣ ଲୁକେ ଆଏଜ୍‌ଠାନୁ ସୋମ୍‌ବାର୍‌ଛଡ଼ା ଅଲ୍‌ଗା ଦିନ୍‌ମାନ୍‌କେ ବେଲ୍‌ବୁଡ଼ର୍ ସାଢ଼େ ୫ ବଜେନୁ ୭ ବଜେତକ୍ ଇ ବିରଳ ଦୃଶ୍ୟ ଦେଖିପାର୍‌ବେ ।

ଶ୍ରୀମନ୍ଦିର୍ ଭିଡ଼ିଓ ଭାଇରାଲ୍-କଟ୍‌କନା ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ମନ୍ଦିର୍ ଭିତ୍‌ରର୍ ଭିଡ଼ିଓ ବାରମ୍ବାର୍ ଭାଇରାଲ୍ ହେବାର୍ ଘଟ୍‌ନାକେ ପୁଲିସ୍ ଗମ୍ଭୀରତାର୍ ସହେତେ ନେଇଛେ । ଇ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ପୁଲିସ୍ ତର୍‌ଫୁ ଶ୍ରୀମନ୍ଦିର୍‌ର ଚାର୍‌ହି ଦୁଆରେ ସଚେତନତା ବାର୍ତା ଥିବା ସାଇନ୍‌ବୋର୍ଡ଼ ଲଗାଯାଇଛେ । ମନ୍ଦିର୍ ଭିତ୍‌ରେ ଫଟୋ କି ଭିଡ଼ିଓ କର୍‌ବାର୍‌ଟା ନିଷେଧ ଆଏ ଆର୍ ଇଟାକେ ନାଇଁ ମାନ୍‌ଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଏସ୍.ପି. ବିନିତ୍ ଅଗ୍ରୱାଲ୍ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ଆବାସ ଘର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସହର୍ ଇଲାକା ନ ପ୍ରଧାନ୍‌ମନ୍ତ୍ରୀ ଆବାସ ଘର୍ ନିର୍ମାଣ୍ ଯୋଜ୍‌ନାଥି ୨ ନମ୍ବର୍ ଖେପ୍ ଆବେଦନ୍ କର୍‌ବାର୍ ଲାଗି ଗୁଟେ ସଚେତନତା ରଥ ସହରେ ବୁଲୁଛେ । ରଥକେ ଖଡ଼ିଆଲ୍ ନଗର୍‌ପାଲ୍ ଶୁଭାରମ୍ଭ କରିଛନ୍ । ଯୋଗ୍ୟ ହିତାଧିକାରୀମାନେ ନିଜର୍ ନିଜର୍ କାଗଜ୍‌ପତର୍ ନେଇକରି ଅନ୍‌ଲାଇନ୍ ଆବେଦନ୍ କର୍‌ବାର୍‌କେ ନଗର୍‌ପାଲ୍ ଅନୁରୋଧ୍ କରିଛନ୍ ।

ଜିଏସ୍‌ଟି ସଚେତନତା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବାଣିଜ୍ୟକର ଆର୍ ଦ୍ରବ୍ୟ ଆର୍ ସେବାକର ମଣ୍ଡଳ ତର୍‌ଫୁ ଗୁଟେ ଜିଏସ୍‌ଟି ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବାଣିଜ୍ୟ କର ଆର୍ ଦ୍ରବ୍ୟ ଆଉ ସେବାକର ଯୁଗ୍ମ ଆୟୋଗ୍ ଲିଙ୍ଗରାଜ୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ବାଣିଜ୍ୟକର ଆଉ ଜିଏସ୍‌ଟି ବାବ୍‌ଦେ ଟିକ୍‌ନିଖ୍ ଭାବେ ବୁଝାବାର୍ ସହେତେ ସର୍‌କାର୍‌ଙ୍କର୍ ନୂଆଁକରି ଆସିଥିବା ସର୍ବକ୍ଷମା ଯୋଜ୍‌ନା ଆଉ ଜିଏସ୍‌ଟି ପେନାଲ୍‌ଟି ବାବ୍‌ଦେ ସଚେତନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ବ୍ୟବସାୟୀ ସଂଘ କର୍ମକର୍ତା ମାନେ ଉପସ୍ଥିତ୍ ଥିଲେ ।

ଜୁନିଅର୍ ରେଡ଼କ୍ରସ୍-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍କାରୀ ହାଇସ୍କୁଲ୍ ଠାନେ ଜୁନିଅର୍ ରେଡ଼କ୍ରସ୍ ଜିଲ୍ଲାସ୍ତରୀୟ ଶିକ୍ଷା ଆଉ ପ୍ରଶିକ୍ଷଣ୍ ଆଉ ରକ୍ତଦାନ୍ ଶିବିର୍ ଉଦ୍‌ଘାଟିତ୍ ହେଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରେଡ଼କ୍ରସ୍ ଜୁନିଅର୍ ମାନ୍‌କୁ ଶୃଙ୍ଖଳିତ୍ ଆର୍ ସମିଆକେ ଠିକ୍ ଭାବେ ବେଭାର୍ କର୍‌ବାର୍ ବାବ୍‌ଦେ ପରାମର୍ଶ ଦେଇଥିଲେ । ଜିଲ୍ଲାର୍ ୪୦ ଟା ହାଇସ୍କୁଲ୍ ନ ରେଡ଼କ୍ରସ୍ କାଉନ୍‌ସିଲର୍ ଆର୍ ଶହେ ୪୦ ଝନ୍ ଜୁନିଅର୍ ଭାଗ୍ ନେଇଥିଲେ ।

ବଲାଙ୍ଗିର୍ ଲୋକ୍‌ମହୋତ୍ସବ୍ ଆର୍‌ଏନ୍‌ୟୁ କଟକ୍

ବଲାଙ୍ଗିର୍ ଲୋକ୍‌ମହୋତ୍ସବ୍ ୨୦୨୫ କେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଉଦ୍‌ଘାଟନ୍ କରିଛନ୍ । ଗଲାକାଏଲ୍‌ଠାନୁ ମୁଲ୍ ହେଇଥିବା ମହୋତ୍ସବ୍‌ଥି ପଲ୍ଲିଶ୍ରୀ ମେଳା ଆୟୋଜନ୍ କରାଯିବାର୍ ସହେତେ ୩ ଶହଟା ଷ୍ଟଲ୍‌ଥି ଭିନ୍ ଭିନ୍ ସ୍ୱଦେଶୀ ଜିନିଷ୍ ବିକ୍ରି ବଟା କରାଯାଉଛେ । ୨୨ ବଛର୍ ହେଲା ହଉଥିବା ଇ ଲୋକ୍‌ମହୋତ୍ସବ୍‌କେ ଲୋକପ୍ରିୟ କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭିନ୍ ଭିନ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ କରାଯାଉଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରୁ ସଞ୍ଜର୍ ୬ ବଜେନୁ ରାଂଚି ଠାନେ ସୁର୍‌ମା ହକି କ୍ଲବ୍ ଆର୍ ଓଡ଼ିଶା ୱାରିୟର୍ସ ଭିତ୍‌ରେ ମେଚ୍ ଚାଲିଛେ ।

ସେଆଡ଼େ ପୁରୁଷ ବର୍ଗରୁ ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ରାତି ୮ ବାଜିକରି ୧୫ ମିନିଟ୍‌ରୁ ୟୁପି ରୁଦ୍ରାସ୍ ଆର୍ ଟିମ୍ ଗୋନାସିକା ଭିତ୍‌ରେ ମେଚ୍ ହେବା ।

ଲାଲ୍‌ମନୀ ସ୍ମାରକୀ କ୍ରିକେଟ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର୍ ଗାନ୍ଧୀ ପଡ଼ିଆ ଠାନେ ଚାଲିଥିବା ସର୍ବଭାରତୀୟ ଲାଲ୍‌ମନୀ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ରୁ ଆଏଜ୍ ମୁମ୍ବାଇ ରକେଟ୍ ଏକାଦଶ ୨ ୱିକେଟ୍‌ରୁ ଭୁବ୍‌ନେଶ୍ୱର୍ ଇଷ୍ଟକୋଷ୍ଟ ରେଲ୍‌ୱେ ଦଲ୍‌କେ ହରେଇକରି ସେମିଫାଇନାଲ୍‌କେ ଯାଇଛେ । ଆଏବା କାଏଲ୍ ମୁମ୍ବାଇ ରକେଟ୍ ଏକାଦଶ୍ ଆର୍ ସୁନ୍ଦର୍‌ଗଡ଼୍ ନବ୍‌ଜୀବନ୍ କ୍ରିକେଟ୍ କ୍ଲବ୍ ଭିତ୍‌ରେ ପହେଲା ସେମିଫାଇନାଲ୍ ମେଚ୍ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ପଶ୍ଚିମାଝଡ଼ ପ୍ରଭାବ୍‌ଥି ଆଏଜ୍ ରାଏଜେ ଶୀତ୍ କମିଛେ ଆର୍ ୧ ନୁ ୨ ଡିଗ୍ରୀତକ୍ ତାପମାତ୍ରା ବଢ଼ିଛେ । ଆଏବା ୨୪ ଘଂଟା ଭିତ୍‌ରେ ଓଡ଼ିଶାକେ ଜବର୍ ଜଳୀୟବାଷ୍ପ ଥିବା ପବନ୍ ଆସ୍‌ବା । ଇତାର୍ ପ୍ରଭାବ୍‌ଥି ରାଏଜେ ରାତିର୍ ତାପମାତ୍ରା ବଢ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ । ଉପକୂଳ, ମଝି ଆର୍ ଦକ୍ଷିଣ୍ ଓଡ଼ିଶା ନ ଜହକରି ତାପମାତ୍ରା ବଢ଼ିପାରେ ଇତାର୍‌ସହେତେ ୨୪ ତାରିଖ୍‌ତକ୍ ବହଲିଆ କୁହୁଡ଼ି ଦେଖାଯିବା । ୨୩ ତାରିଖ୍‌ତକ୍ ବହଲିଆ କୁହୁଡ଼ି ନେଇକରି ୪ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।